# ବନ୍ଧୁ...

ଯେତେ ଠେଲିଲେ ବି ଆଗକୁ ଚାଲୁ ନ ଥିବା ଗଧ ।

କାହାଣୀ- ସୁଜାତା ପଦ୍ମନାଭନ୍
ଚିତ୍ର- ମଧୁଓ୍ୱନ୍ତୀ ଅନନ୍ତରାଜନ୍
ହିନ୍ଦୀ ଅନୁବାଦ- ସୀମା
ଓଡ଼ିଆ ଅନୁବାଦ- ଦାଶ ବେନହୁର



ଏକଲବ୍ୟ

# ବନ୍ଧୁ...

## ଯେତେ ଠେଲିଲେ ବି ଆଗକୁ ଚାଲୁ ନ ଥିବା ଗଧ ।

କାହାଣୀ- ସୁଜାତା ପଦ୍ମନାଭନ୍
ଚିତ୍ର- ମଧୁୱନ୍ତୀ ଅନନ୍ତରାଜନ୍
ହିନ୍ଦୀ ଅନୁବାଦ- ସୀମା
ଓଡ଼ିଆ ଅନୁବାଦ- ଦାଶ ବେନହୁର



एकलव्य

ବମ୍ବୁ ଲଦ୍ଦାଖର ଗୋଟିଏ ଉଚ୍ଚ ପାହାଡ଼ରେ ଯେ କୌଣସି ସାଧାରଣ ଗଧ ପରି ଜନ୍ମ ହେଇଥିଲ...
ଚଞ୍ଚଳ, ସୁନ୍ଦର ଓ ନିରୀହ ଦେଖା ଯାଉଥିଲା ସେ । ବିଭିନ୍ନ ପ୍ରକାରରେ ପଦ୍ମାର ପରିବାରକୁ ସାହାଯ୍ୟ ମଧ୍ୟ କରୁଥିଲା ବମ୍ବୁ । ତାଙ୍କ ବିଲକୁ ଖତ ପହୁଞ୍ଚାଉଥିଲା, ଗହମ ଓ ଯବ ଗଛ ଲଗାଇବାରେ ସାହାଯ୍ୟ କରୁଥିଲା । କେବେକେବେ ତ ପଦ୍ମାର ଛୋଟ ଭାଇ ନୋନୋକୁ ପିଠିରେ ବସାଇ ବୁଲାଉଥିଲା । ଏମିତି କରିବା ପାଇଁ ବମ୍ବୁ କୁ ବହୁତ ମଜା ଲାଗୁଥିଲା । ନୋନୋ ଖତ ଅଖା ଭଳି ଏତେ ଓଜନ ନ ଥିଲା । ବମ୍ବୁ ପିଠିରେ ବସି ନୋନୋ ଗୀତ ଗାଏ । ଯାହା ବମ୍ବୁକୁ ଅତି ଆନନ୍ଦ ଦେଉଥିଲା ।



କିନ୍ତୁ ପଦ୍ମା, ସବୁଆଡୁ ଥିଲା ବମ୍ଭୁର ପସନ୍ଦ । ପଦ୍ମା ବି ବମ୍ଭୁକୁ ବହୁତ ଭଲ ପାଉଥିଲା । ସେ ତା'ର ଜୀବନ ଥିଲା ଓ ତା'ର ବହୁତ ଯତ୍ନ ନେଉଥିଲା । ସବୁବେଳେ ଧ୍ୟାନ ଦେଉଥିଲା କି ଅନ୍ଧାର ହେବା ପୂର୍ବରୁ ବମ୍ଭୁ କେମିତି ସୁରକ୍ଷିତ ଭାବେ ଗୁହାଳକୁ ଫେରି ଆସୁ । କିଏ ଜାଣେ କେଉଁଣସି ଭୋକିଲା ବରଫ-ବାଘ ଗାଆଁ ଆଖପାଖରେ ଲୁଚି ରହିଥିବ ଯଦି ?





ପଦ୍ମାର ପରିବାର ପାଖରେ କିଛି ମେଣ୍ଢା, କିଛି ଛେଳି, ଗୋଟିଏ ଗାଈ ଓ ବମ୍ଭୁ ଥିଲା । ଗୁହାଳରେ ସମସ୍ତଙ୍କ ପାଇଁ ଢେର୍ ଜାଗା ବି ଥିଲା । ସବୁଦିନ ସଞ୍ଜ ହେବା ପୂର୍ବରୁ ପଦ୍ମା ଗୁହାଳରେ ଥିବା ସବୁ ନନ୍ଦଗୁଡ଼ାକରେ ରାତିଯାକ ପାଇଁ ପାଣି ଅଛି ନା ନାଇଁ ଦେଖୁଥିଲା । କେବେକେବେ ସେ ଗୁହାଳକୁ ସଫା ମଧ୍ୟ କରୁଥିଲା ।



ଏ ସବୁ କରୁଥିବାବେଳେ ପଦ୍ମାର ନଜର ପଡ଼ିଲା ଯେ ସୂର୍ଯ୍ୟ ବୁଡ଼ିବା ପରେ ବମ୍ଭୁ ସମୁବେଳେ ଅଜବ ବ୍ୟବହାର କରୁଛି । ଛେଳି ଓ ମେଣ୍ଢାମାନେ ତ ସ୍ୱାଭାବିକ ବ୍ୟବହାର କରୁଥିଲେ ନ ହେଲେ ତା’ ପଛେ ପଛେ ବୁଲୁଥିଲେ । କିନ୍ତୁ ବମ୍ଭୁ ଯେଉଁଠି ରହୁଥିଲା, ସେଇଠି ଆଣ୍ଠୁମାଡ଼ି ବସି ଯାଉଥିଲା । ପୂରା ସ୍ଥିର ହୋଇ ବସି ରହୁଥିଲ, ଗୋଟିଏ ମୂର୍ତ୍ତି ପରି । ପଦ୍ମା ବୋଧେ ଏଇ କଥା ଉପରେ କେବେ ଗୁରୁତ୍ୱ ଦେଇ ନ ଥାନ୍ତା ଯଦି ସେ ବମ୍ଭୁକୁ ସବୁଦିନ ବଡ଼ି ଭୋର୍‌ରୁ ସେଇ ସମାନ ଜାଗାରେ ବସିଥିବାର ଦେଖି ନ ଥାନ୍ତା ।





"ଆରେ ! ବମ୍ଭୁ, ତୁ କ'ଣ ଏତେ ଗଭୀର ନିଦରେ ଶୋଇଥିଲୁ ଯେ ଜମା ବି ଗୋଟିଏ ଜାଗାରୁ ଟିକେ ଏପଟ-ସେପଟ ହେଇନୁ ?", ସେ ତା'କୁ କୁଣ୍ଢେଇ ଧରି ପଚାରିଲା । ବମ୍ଭୁର ବଡ଼ ବଡ଼, କୋମଳ ଆଖିକୁ ପଦ୍ମା ବହୁତ ଭଲ ପାଉଥିଲା । ସେ ଯେବେ ବି ତା' ଆଖିକୁ ଦେଖେ, କଳ୍ପନା କରେ କି ବମ୍ଭୁ ଯେବେ ଜନ୍ମ ହେଇଥିବ ନିଶ୍ଚୟ କୌଣସି କାରିଗର ତା' ଚେହେରାରେ ଆଖି ଦୁଇଟିକୁ ଆଙ୍କିବା ପାଇଁ ଆସିଥିବ !

ଦିନେ ପଦ୍ମା ଓ ତା' ପରିବାର ଉତ୍ସବ ପାଳିବ ପାଇଁ ପାଖ ଗାଆଁକୁ ବାହାରିଲେ । ସଂକୀର୍ଣ୍ଣ ପାହାଡ଼ିଆ ବାଟରେ ତାଙ୍କୁ ବହୁତ ଦୂରକୁ ଚାଲି କରି ଯିବାର ଥିଲା । ବମ୍ଭୁ ସାରା ରାସ୍ତା ନୋନୋକୁ ନିଜ ପିଠିରେ ବସାଇ ଚାଲିଲା । ଯୋଗକୁ ବମ୍ଭୁର ପାଦ ଜଙ୍ଗଲି ମେଣ୍ଢାଙ୍କ ଖୁରା ଭଳି ଥିଲା ଯାହା ପାହାଡ଼ ଚଢ଼ିବାବେଳେ ଖସିବାର ଭୟ ନ ଥିଲା । ଗାଆଁକୁ ଫେରିବା ପୂର୍ବରୁ ତ ସବୁ ଠିକ୍ ଥିଲା । ଉତ୍ସବ ବହୁତ ମଜାଦାର ଥିଲା ଓ ପଦ୍ମାର ପରିବାର ସେଠାରେ ଭାବିଥିବା ସମୟ ଠାରୁ ଅଧିକ ସମୟ ରହିଗଲେ । ପଦ୍ମା, ବାପା-ମାଆ ଓ ନୋନୋ ଏବେ ଘରକୁ ପହଞ୍ଚିବା ପାଇଁ ପାଖାପାଖି ଦୁଇ ଘଣ୍ଟାର ଦୂରତାରେ ଥିଲେ ।





ସୂର୍ଯ୍ୟ ଆଲୋକ କମି କମି ଯାଉଥାଏ, ସେପଟେ ବମ୍ଭୁ ବାଟରେ ଥିବା ଗୋଡ଼ି-ପଥରରେ ଚାଲିବାବେଳେ ଝୁଣ୍ଟି ପଡୁଥାଏ । କେତେ ଥର ତ ସିଏ ବାଟ ବି ଭୁଲିଗଲା । ପଦ୍ମା ତା' ବେକକୁ ସ୍ନେହରେ ଆଉଁସିଲା ଓ ତା' ଦଉଡ଼ିକୁ ଟାଣି ଫୁସ୍‌ଫୁସ୍ କହିଲା, "ବମ୍ଭୁ, ତୁ ଥକି ଯାଇଛୁ କି ? ତୋ'ର କ'ଣ ହେଇଛି ?"





ଅନ୍ଧାର ମାଡ଼ି ଆସିଲା, ବମ୍ଭୁ, ପଦ୍ମା ପାଖକୁ ଚାଲି ଆସିଲା ଓ ତା' ପାଖେ ପାଖେ ଚାଲିଲା । ଚାରିଆଡ଼ ଅନ୍ଧାର ହେଇଗଲା । ବମ୍ଭୁ ସେଇଠି ଠିଆ ହୋଇ ରହିଲା ମେଞ୍ଚାଏ ଜମାଟ ବନ୍ଧା ବରଫ ପରି । ସେ କଷ୍ଟରେ ଜୋର୍‌ରେ ପାଟି କଲା । "ୟା'ର ଅସୁବିଧା କ'ଣ ?", ବାପା ପାଟି କଲେ । "କେତେବେଳକୁ ଦେଖୁଛି ଇଏ କେମିତି ଚାଲୁଛି ! ସତେ ଯେମିତି ତା'କୁ ନିଶା ହେଇ ଯାଇଛି ।" ସେ ରାଗିଯାଇ କହିଲେ ।


"ଆରେ, ତା' ଦେହ ଖରାପ ହେଇ ନ ଥାଉ", ମାଆ ଚିନ୍ତିତ ହୋଇ କହିଲେ ।

ପଦ୍ମା ବମ୍ବୁ ପାଖରେ ଠିଆ ହୋଇ ରହିଲା । ଜିଭରେ "ଟୁକ୍, ଟୁକ୍, ଟୁକ୍" ସ୍ୱର କଲା । ଏଭଳି ଗୋଟିଏ ସ୍ୱର ଯାହାର ଉପଭୋଗ ସେ ବମ୍ବୁକୁ ଶୀଘ୍ର ଶୀଘ୍ର ଚଲାଇବା ପାଇଁ ବ୍ୟବହାର କରୁଥିଲା ।

କିନ୍ତୁ ବମ୍ବୁ କୌଣସି ସେଠାରୁ ହଲିବା ପାଇଁ ମଧ୍ୟ ଇଚ୍ଛା କରୁ ନ ଥିଲା । ତା'କୁ ଚଲାିବା ଲାଗି ସେ ସବୁ ଚେଷ୍ଟା କରି ସରିଥିଲା । ପଛରୁ ଠେଲିଲା, ବେକ ଦଉଡ଼ିକୁ ଟାଣିଲା, ଏମିତିକି ତା'କୁ ଗାଜର ଖାଇବା ଲୋଭ ଦେଖେଇ ଚଲାଇବା ପାଇଁ ଚେଷ୍ଟା ବି କଲା । ବମ୍ବୁ, ତଥାପି ଏପଟରୁ ସେପଟ ହେଲା ନାହିଁ । ଓଲଟା ଜୋର୍‌ରେ ପାଟି କରି ଆଣ୍ଠୁମାଡ଼ି ତଳେ ବସି ପଡ଼ିଲା । ଏହା ଦେଖି ବାପା ରାଗିଗଲେ । ସବୁ ବଳ ଲଗାଇ ତାକୁ ଉଠାଇବା ପାଇଁ ଚେଷ୍ଟା କଲେ । କିନ୍ତୁ ବମ୍ବୁ ଯୋଉଠି ଥିଲା ସେଇଠି ହିଁ ବସି ରହିଲା, ସତେ ଯେମିତି ପଥର ପାଲଟି ଯାଇଛି ।



ଏଇଟା ଗୋଟିଏ ଏମିତି ରାତି ଥିଲା ଯାହାକୁ ପଦ୍ମା କେବେ ଭୁଲି ନ ପାରେ । ପଦ୍ମାର ଫୁସଲେଇବା, ମାଆର ଗାଳି କରିବା ଓ ବାପାଙ୍କର ରାଗିବା ଘଣ୍ଟାଏ ପରେ ମଧ୍ୟ କିଛି ବି ନ ହେଲା ରୁ ସମସ୍ତେ ଆଶା ଛାଡ଼ି ଦେଲେ । ବାପା ବମ୍ଭୁ ସହିତ ସେଇଠି ରହିଲେ ଓ ସମସ୍ତେ ଘରକୁ ଫେରିଲେ । ତା' ପରଦିନ ସକାଳେ ଅନିଦ୍ରା ଓ ଚିଡ଼୍‌ଚିଡ଼୍ ହେଇ ବାପା ଗରଗର ହୋଇ ଘରକୁ ଫେରିଲେ । ତାଙ୍କ ପଛେ ପଛେ ବମ୍ଭୁ ଥିଲା । "ଇଏ ପାଗଳ ଗଧ ! ଯୋଉଠି ବସିଥିଲା ସେଇଠି ହିଁ ଶୋଇ ପଡ଼ିଲା ଆଉ ମୁଁ ସାରା ରାତି ତାକୁ ଜଗି ରହିଲି", ବାପା କହି କହି ଘର ଭିତରକୁ ପଶିଲେ । "ମୁଁ ଡରୁଥିଲି କି କେହି ବରଫ-ବାଘ ଯଙ୍କଳର ଖାଇ ନ ଦେଉ", ସେ କହିଲେ ।



ବାପାଙ୍କର ହାତ-ମୁହଁ ଧୋଇବା ଓ ଗୋଟିଏ କପ୍ ଗରମ ଚାହା ପିଇବା ପରେ ପଦ୍ମା ସାହସ କରି ବମ୍ଭୁର ଅଜବ ବିଷୟରେ କହିଲା । ବାପା ଓ ମାଆକୁ ସେ ସଞ୍ଜ ହେବା ପରେ ବମ୍ଭୁର ଅଦ୍ଭୁତ ବ୍ୟବହାର ବିଷୟରେ ସବୁ ବୁଝେଇଲା । କହିଲା, "ବାପା କାଲି ଯେମିତି ବମ୍ଭୁ ଆଣ୍ଠୁମାଡ଼ି ବସି ପଡ଼ିଲା, ମୁଁ ତାକୁ ସଞ୍ଜ ହେଲେ ଗୁହାଳରେ ଏମିତି କରିବା ବହୁତ ଥର ଦେଖିଛି । ସେ ଯୋଉଠି ଥିବ ସେଇଠି ବସି ପଡ଼ିବ ଓ ତା' ପରଦିନ ବି ସେଇଠି ହିଁ ବସିଥିବ । ସେ ଜାଗାରୁ କୁଆଡ଼େ ବି ଯାଇ ନ ଥିବ ।"

ବାପା ଧ୍ୟାନରେ ପଦ୍ମାର କଥା ଶୁଣିଲେ ଓ କହିଲେ, "ହଁ, କାଲି ରାତିରେ ବି ସେ ସେମିତି ହିଁ କଲା ।" ବାପା ଆଉ ଗୋଟିଏ କପ୍ ଚାହା ପିଇଲେ ଓ କହିଲେ, "ଇଏ ସତରେ ଅଦ୍ଭୁତ ପଶୁଟେ । ମୋତେ ତା ବିଷୟରେ ପଶୁ-ବୈଦ୍ୟ ସହିତ କଥା ହେବାକୁ ପଡ଼ିବ ।"





ସେଇ ସପ୍ତାହର, କିଛି ଦିନ ପରେ ବାପା ବହୁତ ଚିନ୍ତିତ ଥିବା ଜଣା ପଡ଼ିଲେ । "କ'ଣ ହେଇଛି କି ?" ରାତି ପାଇଁ ତରକାରି ଝୋଳ ତିଆରି କରିବା ସମୟରେ ମସଲା କଶୁଥିବାବେଳେ ମାଆ ପଚାରିଲେ ।

"ଅସଲରେ କଥା ହେଲା", ବାପା କହିଲେ, "ମୁଁ ଆଜି ବୈଦ୍ୟଙ୍କ ପାଖକୁ ଯାଇଥିଲି । ସେ କହୁଥିଲେ କି ବମ୍ଭୁକୁ ରାତିରେ ଦେଖିବାକୁ କଷ୍ଟ ହେଉଛି । ତାଙ୍କ ମତ ହେଲା ବମ୍ଭୁକୁ ଅନ୍ଧାରକଣା ହେଇଛି । ଏ ସମସ୍ୟା ମଣିଷଙ୍କୁ ବି ହୁଏ ।"

ଅନ୍ଧାରକଣା ?ଣହ ଭଗବାନ ! ଇଏ ପୁଣି କି ରୋଗ ?" ମାଆ ବାପାଙ୍କୁ ପଚାରିଲେ ।

"ବୈଦ୍ୟ ଆହୁରି କହୁଥିଲେ ଯେ ଏ ରୋଗ କିଛି ପଶୁଙ୍କୁ ଜନ୍ମବେଳୁ ହେଇଥାଏ । ତାଙ୍କ ଆଖିକୁ ଦିନରେ ଭଲରେ ଦେଖାଯାଏ କିନ୍ତୁ ରାତି ହେଉ ବା କମ୍ ଆଲୁଅ ହେଉ ଏମାନଙ୍କ ଦେଖିବାକୁ ଅସୁବିଧା ହୁଏ । ଇଏ ଅନ୍ଧ ହେବା ସହିତ ସମାନ କିନ୍ତୁ କେବଳ ରାତିରେ । ବନ୍ଧୁ ଛୋଟ ଥିଲାବେଳେ ବି ଏଭଳି ବ୍ୟବହାର କରୁଥିଲା କି ?", ବାପା ପଚାରିଲେ ।

ମାଆ ଚାହିଁ ରହିଲେ । "ହେ ଭଗବାନ ! ଏବେ ମୋର ମନେ ପଡ଼ିଲା ବନ୍ଧୁ ଛୋଟ ଥିଲାବେଳେ ମୁଁ ଯେବେ ରାତିରେ ଖାଦ୍ୟ ଖାଇବାକୁ ଦେଉଥିଲି ସେ ମୋ ହାତରୁ ଖାଦ୍ୟ ନେଇ ପାରୁ ନ ଥିଲା", ସେ କହିଲେ ।



“ହଁ ମୋର ବି ମନେ ପଡ଼ିଲା । କେବେ କେବେ ଛୋଟ ବମ୍ବୁକୁ ଗୁହାଳ ଭିତରକୁ ନେବା ପାଇଁ ମତେ ତାକୁ ପଛରୁ ଧକ୍କା ମାରିବା ପାଇଁ ପଡୁଥିଲା”, ପଦ୍ମା କହିଲା । ବୁଁ ସବୁବେଳେ ଭାବୁଥିଲି ଯେ ବମ୍ବୁ ଦୁଷ୍ଟାମି କରୁଛି । ନୋନୋ ଛୋଟ ଥିଲାବେଳେ ଯେମିତି ଦୁଷ୍ଟ ହେଉଥିଲା ବମ୍ବୁ ବି ସେମିତି କରୁଛି ବୋଲି ଭାବୁଥିଲି ।”

ବାପା ତୁମର ମନେ ଅଛି ଯେବେ ନୋନୋ ଶୋଇବା ପାଇଁ ଇଚ୍ଛା କରୁ ନ ଥିଲା ! ମାଆ ଓ ତୁମେ ତାକୁ ଜୋର ଜବରଦସ୍ତ ଖଟରେ ଶୁଆଇ ଦେଲେ ସେ କେମିତି ତା’ ଆଖିକୁ ଖୋଲା ରଖୁଥିଲା । ମୁଁ ଭାବୁଥିଲି କି ବମ୍ବୁ ବି ରାତିରେ ଗୁହାଳକୁ ଯିବା ପାଇଁ ଇଚ୍ଛା କରୁ ନ ଥିଲା କାରଣ ସେ ଶୋଇବା ପାଇଁ ଚାହୁଁ ନ ଥିଲା ।”

“ଓଃ, ମାନେ ବମ୍ବୁକୁ ଏ ଅସୁବିଧା ଛୋଟବେଳୁ ଥିଲା”, ବାପା କହିଲେ । “ବୈଦ୍ୟ କହିଛନ୍ତି ଏ ରୋଗର କୌଣସି ଚିକିତ୍ସା ନାହିଁ । ତା’ ମାନେ ଆସନ୍ତା ମାସ ଯେତେବେଳେ ପର୍ଯ୍ୟଟକଙ୍କ ପାହାଡ଼ ଚଢ଼ା ଆରମ୍ଭ ହେବ ବମ୍ବୁକୁ ସେଥିରେ ସାମିଲ କରି ହେବ ନାହିଁ ।”

ତା’ହେଲେ ସିଏ ତ ଆମ ପାଇଁ ବେକାର ହେଇଗଲା ।




ପଦ୍ମା ଆଶ୍ଚର୍ଯ୍ୟ ହେଇ ବାପାଙ୍କୁ ଚାହିଁଲା । ତା' ମୁହଁରେ ଦୁଃଖ ଜଣା ପଡୁଥିଲା । ବାପାଙ୍କୁ ଭଲ ଭାବରେ ଜାଣିଥିଲା । ଯେତେବେଳେ ସିଏ ବମ୍ଭୁକୁ ବେକାର ବୋଲି କହିଲେ ପଦ୍ମା ସେତେବେଳେ ହିଁ ଜାଣି ସାରିଥିଲା ଯେ ବାପା ବମ୍ଭୁକୁ ବିକି ଦେବେ । ତଥାପି ସେ ସାହସ ବାନ୍ଧି ପଚାରିଲା, "ବାପା, ତୁମେ କହିଲ ବମ୍ଭୁ ଆମ ପାଇଁ ବେକାର, ତା'ମାନେ କ'ଣ ?"

"ଦେଖ୍, ବମ୍ଭୁକୁ ଖାଇବା-ପିଇବା ଦେବା ପାଇଁ ପଡୁଛି ଆମକୁ । ହଁ ନା ନାଇଁ ? ଆଉ ଯେତେବେଳେ ଗ୍ରୀଷ୍ମ ଋତୁରେ ଏଠାକୁ ପର୍ଯ୍ୟଟକ ଆସିବେ, ସେତେବେଳେ ଆମେ ତ ତା'ର ବ୍ୟବହାର କରି ପାରିବା ନାହିଁ ତା'ହେଲେ ତାକୁ ରଖି ଲାଭ କ'ଣ ? ମୁଁ ଭାବୁଛି ତାକୁ ବିକି ଆଉ ଗୋଟିଏ ଗଧ କିଣି ଆଣିବା । ନ ହେଲେ ଗୋଟିଏ ଘୋଡ଼ା କିଣିବା ?", ବାପା କହିଲେ ।



ସେ ଦିନ ରାତିରେ ପଦ୍ମା ସବୁ କାମ ସାରି ଗୁହାଳକୁ ଗଲା । ସେ କାନ୍ଦୁଥିଲା । ବମ୍ଫୁ ଆଡ଼କୁ ଦେଖିଲାବେଳକୁ ସେ ଗୋଟିଏ ଜାଗାରେ ଚୁପ୍‌ଚାପ୍ ବସିଛି ।
"ବିଚରା ବମ୍ଫୁ" ମନେ ମନେ ଭାବି ଦୌଡ଼ିଯାଇ ତାକୁ କୁଣ୍ଢାଇ ପକାଇଲା ସେ । କହିଲା, "ମୁଁ ତତେ କେବେ ଆମ ପରିବାରରୁ ଅଲଗା ବୋଲି ଭାବି ନ ଥିଲି ।" ସେ କାନ୍ଦି କାନ୍ଦି କହିଲା । କିନ୍ତୁ ଟିକିଏ ବି ହଲିଲା ନାହିଁ ।



ଦୁଇ ସପ୍ତାହ ପରେ, ଦିନେ ପଦ୍ମା ପାହାଡ଼ର ଉପର ଭାଗରେ ପଶୁଙ୍କୁ ଚରେଇବା ପାଇଁ ନେଇଥିଲା । ସେ ମନ ଦୁଃଖରେ ଥିଲା । ସକାଳେ ବାପା ମାଆଙ୍କୁ କହିବା ସେ ଶୁଣିଥିଲା ଯେ ପାଖ ଗାଆଁର ଜଣେ ଲୋକକୁ ସେ ବମ୍ଧୁକୁ ବିକ୍ରି କରି ଦେବେ । ଏ କଥା ଭାବି ସେ ଗୋଟିଏ ପଥର ଉପରେ ବସି ଜୋର୍‌-ଜୋର୍‌ରେ କାନ୍ଦିଲା ।

ହଠାତ୍‌ ! ପଦ୍ମାକୁ ଗୋଟିଏ ସ୍ୱର ଶୁଭିଲା । "ପଦ୍ମା ! ତୁ କାନ୍ଦୁଚୁ କ'ଣ ପାଇଁ ?" ପଦ୍ମା ବୁଲି ପଡ଼ି ଦେଖିଲା ତ ସେଠାରେ ଷ୍ଟେଞ୍ଜିନ୍‌ ଥିଲା । ଷ୍ଟେଞ୍ଜିନ୍‌ ତା'ର ବହୁ ଦୂର ସମ୍ପର୍କୀୟ ଜଣେ ଭାଇ । ଗୋଟିଏ ବଡ଼ ବସ୍ତାନି ତା ପିଠିରେ ଧରି ଥିଲା ସେ । ପଦ୍ମା ନିଜ ଗାଲରୁ ଲୁହ ପୋଛି କହିଲା, "ମୁଁ ଭାବୁଛି ତୁମ ଘରେ ସମସ୍ତେ ଭଲରେ ଅଛନ୍ତି ।"



ପଦ୍ମା ଷ୍ଟେଞ୍ଜିନ୍‌କୁ ଭଲ କରି ଚାହିଁଲା । ଗତଥର ଯେତେବେଳେ ଦେଖା ହେଇଥିଲା ସେତେବେଳଠାରୁ ଏବେ ସିଏ ଆହୁରି ଡେଙ୍ଗା ହେଇଯାଇଛି । କିନ୍ତୁ ଏବେ ବି ତା' ଆଖିରେ ନମ୍ର ଭାବ ଦେଖାଯାଉଥିଲା । "ଠିକ୍ ବନ୍ଧୁ ପରି" ମନେ ମନେ କ'ଣ ଭାବି ପୁଣି କାନ୍ଦି ଉଠିଲା ପଦ୍ମା ।

"ମୋ ଗଧ..." କହୁ କହୁ ତା'ର ଶ୍ୱାସ ରୁଦ୍ଧ ହେଇଯାଉଥାଏ । ସେ ବନ୍ଧୁ ଚରୁଥିବା ଜାଗା ଆଡ଼କୁ ହାତ ଦେଖାଇଲା । ଷ୍ଟେଞ୍ଜିନ୍ ବନ୍ଧୁ ଆଡ଼କୁ ଚାହିଁଲା ଓ ପଚାରିଲା, "ତୋ ଗଧ କ'ଣ ରୋଗିଣା କି ?" ମୁଣ୍ଡ ହଲେଇ ପଦ୍ମା କହିଲା, "ନାଇଁ ରୋଗିଣା ନୁହେଁ । ମାନେ ମାନେ, ହଁ ସେ ରୋଗିଣା । ତାକୁ ଅନ୍ଧାରକଣା ହେଇଛି ଓ ବାପା ତାକୁ ବିକ୍ରି କରିଦେବେ ବୋଲି କହୁଛନ୍ତି ।" "ଅନ୍ଧାରକଣା ! ସେଇଟା ପୁଣି କ'ଣ ?" ଷ୍ଟେଞ୍ଜିନ୍ ଆଶ୍ଚର୍ଯ୍ୟ ହୋଇ ପଚାରିଲା ।

ବାପା କହୁଥିଲେ କି ଏ ରୋଗରେ ମଣିଷ ହେଉ କି ପଶୁ ସେମାନଙ୍କୁ ରାତିରେ ଦେଖାଯାଏ ନାହିଁ । ଏଭଳି ଲୋକ ବା ପଶୁମାନେ ଦିନରେ ତ ଭଲରେ ଦେଖି ପାରନ୍ତି କିନ୍ତୁ ରାତିରେ ତାଙ୍କୁ ଜମା ଦେଖାଯାଏ ନାହିଁ ।" ପଦ୍ମା ଜୋର୍‌ରେ ନିଶ୍ୱାସ ଛାଡ଼ି ଉତ୍ତର ଦେଲା ।



"ଆରେ ବାପ୍‌ରେ!", ଷ୍ଟେଞ୍ଜିନ୍ କହିଲା। "କି ଅଜବ କଥା, ଦିନରେ ସଫା ସଫା ଦେଖି ହେବ ମାତ୍ର ରାତିରେ ଅନ୍ଧ ହେଇଯିବାକୁ ପଡ଼ିବ!"

"ହଁ, ଇଏ ଅଜବ କଥା ନିଶ୍ଚୟ", ପଦ୍ମା କହିଲା। ତା'ପରେ ସେ ଷ୍ଟେଞ୍ଜିନ୍‌କୁ ପୂର୍ବରୁ ଘଟିଥିବା ସବୁ ଘଟଣା କହିଗଲା।

"କିନ୍ତୁ ତୋ ବାପା ତାକୁ ବିକିବା ପାଇଁ କ'ଣ ପାଇଁ ଇଚ୍ଛା କରୁଛନ୍ତି?", ଷ୍ଟେଞ୍ଜିନ୍ ପଚାରିଲା।

"ବାପାଙ୍କୁ ଲାଗୁଚି ପର୍ଯ୍ୟଟକଙ୍କ ପାହାଡ଼ ଚଢ଼ାବେଳେ ବମ୍ଧୁ ସମସ୍ୟା ସୃଷ୍ଟି କରିବ। ଅନ୍ଧାର ହେଇଗଲେ ବମ୍ଧୁ ଗୋଟିଏ ପାଦ ବି ଆଗକୁ ବଢ଼େ ନାହିଁ। ଯେଉଁଠି ଠିଆ ହୋଇଥାଏ ସେଇଠି ହିଁ ବସି ପଡ଼େ", ପଦ୍ମା କହିଲା।

"ହୁଁ!", ଷ୍ଟେଞ୍ଜିନ୍ କିଛି ଭାବିଲା ପୁଣି କହିଲା, "ଆଉ ତୁ ତାକୁ ବିକିବା ପାଇଁ ମନା କରୁଛୁ। ତୋର ଇଚ୍ଛା ନାହିଁ ତାକୁ ବିକିବା ପାଇଁ।"

"ନାଇଁ! ସିଏ ଜନ୍ମ ହେଲାବେଳୁ ଆମ ପାଖରେ ରହିଛି। ତା' ମାଆ ତାକୁ ଜନ୍ମ ଦେବା ପରେ ମରିଗଲା। ମୋ ପାଇଁ ତ ସିଏ ଛୋଟ ଭାଇ ଭଳି। ଯଦି ସେ ଆମକୁ ଛାଡ଼ି ଚାଲିଯିବ ତା'ହେଲେ ମୋତେ ତା' କଥା ବହୁତ ମନେ ପଡ଼ିବ", ପଦ୍ମା କହିଲା।



ଷ୍ଟେଞ୍ଜିନ୍ ନିଜ ବସ୍ତାନିଟିକୁ ତଳେ ରଖିଲା ଓ ପଦ୍ମା ପାଖରେ ବସିଲା । ସେ ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କଲା । ଯେତେ ଦୂର ନଜର ପଡୁଥାଏ ସେଠାରେ ପାହାଡ଼ ଆଉ ପାହାଡ଼, ନୀଳ ଆକାଶର ଚାଦର ଘୋଡ଼ି ଠିଆ ହେବା ଭଳି ଦେଖାଯାଉଥାଏ ।

ପ୍ରକୃତିର ଶୋଭା ଦେଖୁଥିବାବେଳେ ତା' ନଜର ବମ୍ଭ ଉପରେ ପଡ଼ିଲା । କାଲି କ'ଣ ହେବ ସେ କଥା ତା'କୁ ଅଜଣା । ସେ ଚୁପ୍‌ଚାପ୍, ଶାନ୍ତିରେ ଚରିବାରେ ବ୍ୟସ୍ତ । ଷ୍ଟେଞ୍ଜିନ୍ ବୁଲି ପଡ଼ି ପଦ୍ମାକୁ ଚାହିଁଲା । ପଦ୍ମା ଆଖିରୁ ଏବେ ବି ଲୁହ ଝରିଯାଉଥାଏ । "ସତରେ ବହୁତ ଦୁଃଖର କଥା ।" ନିଜର ଗୋଟିଏ ଗଧ ମରିଯିବା କଥାକୁ ଭାବି ଷ୍ଟେଞ୍ଜିନ୍ କହିଲା ।

"ଆଜି ରାତି ତୁ କୋଉଠି ରହିବୁ ?" ପଦ୍ମା ଷ୍ଟେଞ୍ଜିନ୍‌କୁ ପଚାରିଲା । "ତୁ ଆମ ଘରେ ରହି ପାରିବୁ", ସେ କହିଲା । "ଧନ୍ୟବାଦ, କିନ୍ତୁ ମୁଁ ଗାଆଁର ମୁଖିଆଙ୍କ ଘରେ ରହିବି । ତାଙ୍କ ଘରେ ଦୁଇ ଜଣ ବିଦେଶୀ ବି ରହିଛନ୍ତି ଯିଏ କାଲି ସକାଳେ ପାହାଡ଼ ଚଢ଼ିବାକୁ ଯିବେ । ମୁଖିଆ ମତେ ତାଙ୍କ ଗାଇଡ୍ ହେବା ପାଇଁ କହିଛନ୍ତି", ଷ୍ଟେଞ୍ଜିନ୍ କହିଲା ।

ତା'ହେଲେ ଆଜି ରାତି ଆମ ଘରକୁ ଖାଇବା ପାଇଁ ଆସିବୁ । ବାପା ଓ ମାଆ ତତେ ଦେଖି ବହୁତ ଖୁସି ହେବେ", ପଦ୍ମା କହିଲା । "ଆରଥର ଆସିଲେ ଯିବି ଲୋ ପଦ୍ମା । ଏଥର ନୁହେଁ । ଆଜି ରାତିରେ ମତେ ପାହାଡ଼ ଚଢ଼ିବା ପାଇଁ ସବୁ ସାଜ-ସାମାନ୍ ବନ୍ଧାବନ୍ଧି କରିବାକୁ ପଡ଼ିବ ଓ କାମ ସରୁ ସରୁ ଡେରି ହେଇଯିବ", କହୁ କହୁ ଷ୍ଟେଞ୍ଜିନ୍ ଠିଆ ହୋଇ ପଡ଼ିଲା ଓ ପଦ୍ମାକୁ ଯାଉଛି କହି ଗାଆଁ ଆଡ଼କୁ ଚାଲିଗଲା ।



ରାତି ହେଇଥାଏ । ପଦ୍ମା ପଶୁମାନଙ୍କୁ ଖୋଇ ଦେଉଥାଏ । ହଠାତ୍ ତା'କୁ ଫୁସ୍‌ଫୁସ୍ ଶବ୍ଦ ଶୁଣାଗଲା, "ପଦ୍ମା ମୁଁ ଷ୍ଟେଞ୍ଜିନ୍ !"

"ତୁ ଏଇଠି କ'ଣ କରୁଛୁ ?", ପଦ୍ମା ଆଶ୍ଚର୍ଯ୍ୟ ହୋଇଯାଇଥିଲା । ଷ୍ଟେଞ୍ଜିନ୍ ଗୁହାଳ ଭିତରକୁ ପଶି ଆସି କହିଲା, "ଶୁଣ୍ ମୋ ପାଖରେ ଗୋଟିଏ ଉପାୟ ଅଛି ଯାହା ବମ୍ଭୁର କାମରେ ଲାଗିପାରେ ।"

"ସତ ?" ଚାରା ବସ୍ତାଟାକୁ ତଳେ ରଖି ପଦ୍ମା ପଚାରିଲା, "କ'ଣ ଉପାୟ ? ବୈଦ୍ୟ କ'ଣ କହିଛନ୍ତି କି ?"

"ନାଇଁ, ଏଇଟା କୌଣସି ଔଷଧ ନୁହେଁ । ମୋ ବସ୍ତାନିରେ ଗୋଟିଏ ଜିନିଷ ଅଛି । ଆମକୁ ଦେଖିବାକୁ ପଡ଼ିବ କି ସେଇଟା କାମ କରୁଛି ନା ନାଇଁ । ଯଦି କାମ ହେଇଗଲା ତା'ହେଲେ ତୁ ତୋ ବାପାଙ୍କୁ ବମ୍ଭୁକୁ ବିକିବା ପାଇଁ ମନା କରିପାରିବୁ", ଷ୍ଟେଞ୍ଜିନ୍ କହିଲା ।

"ଏଇଟା କ'ଣ ? ମତେ ବି କହ ପ୍ଲିଜ୍", ପଦ୍ମା ପଚାରିଲା । "ବମ୍ଭୁ ରାସ୍ତାକୁ ଆଣେ ସେଇଠି ତା'ର ପରୀକ୍ଷା କରିବା", ଷ୍ଟେଞ୍ଜିନ୍ ହସି ହସି କହିଲା ।

"ଷ୍ଟେଞ୍ଜିନ୍ ! ବମ୍ଭୁ ରାସ୍ତାକୁ ଚାଲି ଯାଇ ପାରିବନି । ତୁ ଭୁଲି ଯାଉଛୁ କି ଏବେ ରାତି ହେଇଛି ଓ ସେ ତା' ବସିଥିବା ଜାଗାରୁ ହଲିବ ବି ନାହିଁ", ପଦ୍ମା କହିଲା ।

"ଆରେ ହଁ ! ମୁଁ ବି କି ବୋକାଟା", ଷ୍ଟେଞ୍ଜିନ୍ କହିଲା । ସେ ତା' ବସ୍ତାନିକୁ ତଳେ ରଖିଲା ଓ ତା' ଭିତରୁ ଗୋଟିଏ ଯନ୍ତ୍ର ବାହାର କଲା । ପଦ୍ମାକୁ ଖାଲି ଏତିକି ଦେଖାଯାଉଥିଲା ଯେ ସେଇଟା ଗୋଲିଆ ଭଳି କିଛି ଗୋଟିଏ ଜିନିଷ ।

"ଏଇଟା କ'ଣ ?", ସେ ପଚାରିଲା ।







ମୁହୂର୍ତ୍ତକରେ ଷ୍ଟେଞ୍ଜିନ୍ ସେ ଯନ୍ତ୍ରଟାକୁ ବମ୍ଭୁର ମୁଣ୍ଡରେ ବାନ୍ଧି ଦେଲା । ପଦ୍ମା କ୍ଲିକ୍‌ର ଶବ୍ଦ ଶୁଣିଲା ଓ ବମ୍ଭୁର ଠିକ୍ ସାମ୍ନାରେ ବାଟଆଡ଼କୁ ଆଲୋକ ପଡ଼ିଲା ।

"ପଦ୍ମା, ଏଇଟା ଗୋଟିଏ ହେଡ୍ ଟର୍ଚ୍ଚ", ଷ୍ଟେଞ୍ଜିନ୍ କହିଲା ।

"ଟୁକ୍, ଟୁକ୍, ଟୁକ୍"ର ସ୍ୱର କାଢ଼ି ପଦ୍ମା, ବମ୍ଭୁକୁ ଚାଲିବା ପାଇଁ ଉସୁକେଇଲା । ପ୍ରଥମେ ତ ବମ୍ଭୁ ବସି ରହିଲା କିନ୍ତୁ ପରେ ମୁଣ୍ଡ ଉପରକୁ କରି ଉଠିପଡ଼ି ପାଦେ ଆଗକୁ ଗଲା । ତା'ପରେ ଦୁଇ, ତା'ପରେ ତିନି ପାଦ ।

"ହେ ଭଗବାନ ! ବମ୍ଭୁ ଚାଲୁଛି, ସେ ଚାଲୁଛି", ଖୁସିରେ ପଦ୍ମା ପାଟି କଲା । "ବାପା-ମାଆ କିମିଆ ହେଇଗଲା କିମିଆ ! ଆସ ଦେଖ, ଆମ ବମ୍ଭୁ କ'ଣ କରୁଚି !", ସେ ଖୁସିରେ ପାଟି କଲା ।

ବାପା-ମାଆ ତରତର ହୋଇ ଘରୁ ବାହାରକୁ ବାହାରି ଆସିଲେ । ସେମାନେ ଦେଖିଲେ ରାତିରେ ଗୋଟିଏ ଗଧର ଛାଇ ଦୂରକୁ ଯିବା ଦେଖାଯାଉଛି ।



*For my dear Aba-ley and Ama-ley,*
*for allowing me to chart my own path*

- Sujatha Padmanabhan

*For Amma and Appa, with love.*

- Madhuvanti Anantharajan

# BUMBOO...

THE DONKEY WHO WOULD NOT BUDGE

# ବମ୍ବୁ...

ଯେତେ ଠେଲିଲେ ବି ଆଗକୁ ଚାଲୁ ନ ଥିବା ଗଧ ।

Story: Sujatha Padmanabhan
Illustrations: Madhuvanti Anantharajan

**Creative Commons for text:** Sujatha Padmanabhan, June 2015
The license only allows readers to use the text in this book and share them with others for free distribution under a similar Creative Commons license as long as they credit the author and publisher. The text cannot be changed in any way or used commercially. For any kind of permission for commercial use, the author may be contacted through publisher.

**Creative Commons for illustrations:** Madhuvanti Anantharajan, June 2015
This license allows reader to copy, remix, tweak, and build upon the illustrations in this book non-commercially, giving credit for the original to the illustrator and stating clearly that the original illustrator is not liable for and does not in any way endorse copied or modified versions or their use. The new creations must be also be licensed under identical terms. For any kind of permission for commercial use, the illustrator may be contacted through publisher.

April 2018 / 1500 copies
Paper: 100 gsm Maplitho and 210 gsm Paper board (Cover)
This Oriya translation is supported by the Parag Initiative of Tata Trusts.
ISBN: 978-93-87926-05-9
Price: ₹ 103.00

Published by: **Eklavya**
E-10, Shankar Nagar BDA Colony,
Shivaji Nagar, Bhopal - 462 016 (MP), India
Phone: +91 755 255 0976, 267 1017
www.eklavya.in / books@eklavya.in

Printed at: R.K. Secuprint Pvt. Ltd., Bhopal, Phone +91 755 268 7589

The 100 gsm Maplitho paper used in this book is manufactured from wood pulp produced from renewable plantations.

**कहानी में आए लद्दाखी शब्दः**

1. ***आबाले*** - पिता को सम्बोधित करने वाला शब्द
2. ***आमाले*** - माता को सम्बोधित करने वाला शब्द
3. ***आमची*** - लद्दाखी-तिब्बती समग्र चिकित्सा प्रणाली का एक पारम्परिक चिकित्सक
4. ***थुकपा*** - हल्के स्वाद वाला हिमालयी नूडल सूप
5. ***छंग*** - जौ का बना एक मादक पेय
6. ***जुले*** - किसी से मिलने पर अभिवादन करने के लिए इस्तेमाल किया जाने वाला शब्द

ଜୁନ୍ ମାସ । ପାହାଡ଼ ଚଢ଼ା ମାସ । ବାପା ଅନେକ ପର୍ବତାରୋହୀଙ୍କୁ ନେଇ ପାହାଡ଼ ଆଡ଼କୁ ଯାଉଛନ୍ତି । ଯଦି କେବେ ଅନ୍ୟ ଶିବିରରେ ପହଞ୍ଚିବା ପାଇଁ ଡେରି ହେଇଯାଉଥିଲା ତେବେ ବାପା ବମ୍ଭୁ ମୁଣ୍ଡରେ ହେଡ୍ ଟର୍ଚ୍ଚକୁ ବାନ୍ଧି ଦେଉଥିଲେ ।

ଆଲୋକ ପଡ଼ିଲେ ବମ୍ଭୁ ଚଢ଼ାଳିମାନଙ୍କ ମନୋରଂଜନ କରି ଆଗକୁ ବଢ଼ି ଚାଲିଥାଏ । କେତେ କ୍ୟାମେରା ବାହାରି ଆସୁଥିଲା । ବାପା, ହେଡ୍ ଟର୍ଚ୍ଚ ପିନ୍ଧିଥିବା ବମ୍ଭୁ ପାଖରେ ଠିଆ ହୋଇ ଖୁସି-ଖୁସି କେତେ ଫଟୋ ଉଠାନ୍ତି ।

ସେପଟେ ପଦ୍ମା ପାହାଡ଼ ଚଢ଼ାଳିଙ୍କ ଦ୍ୱାରା ପଠା ଯାଇଥିବା ଫଟୋଗୁଡ଼ିକୁ ଏକାଠି କରି ଆଲ୍‌ବମ୍‌ରେ ସାଇତି ରଖୁଥିଲା । ଯେବେ ବି ବମ୍ଭୁ ହେଡ୍ ଟର୍ଚ୍ଚ ପିନ୍ଧିଥିବା କୌଣସି ବିଶେଷ ଫଟୋ ସେ ଦେଖେ ତ ବହୁତ ଖୁସି ହୁଏ । ଏଇଥିପାଇଁ ସେ ବହୁତ ଖୁସି ଯେ ବମ୍ଭୁ ଏବେ ବି ତାଙ୍କ ପରିବାରର ଜଣେ ସଦସ୍ୟ ।

ବମ୍ଭୁ ଲଦ୍ଦାଖର ଗୋଟିଏ ଚଞ୍ଚଳ ଓ ଅତି ସୁନ୍ଦର ଗଧ । ସେ ପଦ୍ମାର ବହୁତ ପସନ୍ଦ ଥିଲା । ଯେତେବେଳେ ସିଏ ବଡ଼ ହେଲା ଓ ପର୍ଯ୍ୟଟନ ସମୟ ଆସିଲା ତ ପଦ୍ମାର ଘରବାଲାଙ୍କୁ ତା' ବିଷୟରେ କ'ଣ ଜଣା ପଡ଼ିଲା ?

ରାତି ହେଉ ହେଉ ସେ ଅଜବ ବ୍ୟବହାର କ'ଣ ପାଇଁ କରୁଥିଲା ? ସେ କ'ଣ ପାଇଁ ଜମାରୁ ହଲୁ ନଥିଲା ? ପଦ୍ମାର ବାପା ତା'କୁ କ'ଣ ବିକ୍ରି କରି ଦେବେ ?

ଗୋଟିଏ ଲଦ୍ଦାଖୀ ଝିଅର ଯତ୍ନ ଓ ଗୋଟିଏ ଲଦ୍ଦଖୀ ଯୁବକର ବୁଝାମଣା ବମ୍ଭୁ କୁ ତା'ର ଅସାଧାରଣ ରୋଗରୁ ମୁକ୍ତ କରିବା ପାଇଁ କେମିତି ସାହାଯ୍ୟ କରୁଛି ? ଜାଣିବା ଗୋଟିଏ ସତ୍ୟ ଘଟଣାରୁ ପ୍ରେରିତ ଏ କାହାଣୀରୁ...



parag

AN INITIATIVE OF TATA TRUSTS

ଏକଲବ୍ୟ

Price: ₹ 103.00

9 789387 926059